ଆରବିଆଇ/ ୨୦୦୫-୦୬/ ୨୪୧
ଆରପିସିଡ଼ି. ପିଏଲ୍ ଏନ୍ ଏଫ୍ ଏସ୍.ବିସି.ନଂ.୫୬/୦୬.୦୨.୩୧/୨୦୦୫-୦୬

ଡ଼ିସେମ୍ବର ୨୬,୨୦୦୫

**ଅଧ୍ୟକ୍ଷ/ପରିଚାଳନା ନିର୍ଦ୍ଦେଶକ**
**ସମସ୍ତ ଅନୁସୂଚୀତ ବାଣିଜ୍ୟିକ ବ୍ୟାଙ୍କ**
(ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଓ ସ୍ଥାନୀୟ ବ୍ୟାଙ୍କ ସହ)

ପ୍ରିୟ ମହାଶୟ,

**କ୍ଷୁଦ୍ର ଋଣ ଖାତାମାନଙ୍କର ଏକ କାଳୀନ ଋଣ ପରିଶୋଧ ଏବଂ ନୂତନ ଋଣ ପାଇଁ ସକ୍ଷମତା**

ବ୍ୟାଙ୍କମାନେ ଧାରଣ କରିଥିବା ଅଣ-ଉପାର୍ଜନକାରୀ ଖାତା କୁ ଠିକ୍ କରିବା ନିମନ୍ତେ ଏବଂ ସଂପୃକ୍ତ ଋଣ ଗ୍ରହୀତା ମାନଙ୍କୁ ନୂତନ ଋଣ ପ୍ରାପ୍ତ କରିବାକୁ ସକ୍ଷମ କରିବା ଉଦ୍ଦେଶ୍ୟରେ ସମସ୍ତ ବ୍ୟାଙ୍କ ମାନଙ୍କୁ ଉପଦେଶ ଦିଆଯାଇଛି ଯେ, ସେପ୍ଟେମ୍ବର ୩୦, ୨୦୦୫ ମସିହା ସୁଦ୍ଧା ମୂଳଋଣର ପରିମାଣ ୨୫୦୦୦ କିମ୍ବା କମ୍ ରାଶିପାଇଁ ଏବଂ ସଂଦେହଗ୍ରସ୍ତ ବା କ୍ଷତିଗ୍ରସ୍ତ ସମ୍ପତ୍ତି (ଋଣ)ର ଏକ କାଳୀନ ପରିଶୋଧ ପାଇଁ ଏକ ସରଳୀକୃତ ପଦ୍ଧତି ଅନୁସରଣ କରନ୍ତୁ ।

୨. ସରକାରଙ୍କ ଦ୍ୱାରା ପ୍ରୋତ୍ସାହିତ ଯୋଜନା ମାଧ୍ୟମରେ ପ୍ରଦାନ କାରାଯାଇଥିବା ଋଣ ପାଇଁ ବ୍ୟାଙ୍କ ମାନେ ରାଜ୍ୟ ଭିତ୍ତିରେ ଅଲଗା ଅଲଗା ନିୟମାବଳୀ ରାଜ୍ୟସ୍ତରୀୟ ବ୍ୟାଙ୍କରର୍ସ୍ କମିଟି ମାଧ୍ୟମରେ ପ୍ରଣୟନ କରିପାରିବେ ।

୩. ଉପରୋକ୍ତ ପଦ୍ଧତି, ଠକାମୀ ବା ନିୟମ ଉଲଂଘନ କରି ପ୍ରଦାନ କରାଯାଇଥିବା ଋଣ କ୍ଷେତ୍ରରେ ପ୍ରଯୁଜ୍ୟ ହେବ ନାହିଁ ।

୪. ଯେଉଁ ଋଣ ଗ୍ରହୀତା ଏହି ପଦ୍ଧତି ମାଧ୍ୟମରେ ପରିଶୋଧ କରିବେ, ସେମାନେ ନୂତନ ଋଣ ପାଇଁ ପୂର୍ଣ୍ଣ ସକ୍ଷମ ହେବେ ।

୫. ବ୍ୟାଙ୍କ ମାନେ ଏହି ପଦ୍ଧତିର କାର୍ଯ୍ୟାନ୍ୱୟନ ପାଇଁ ଉପଯୁକ୍ତ ଯୋଜନା ପ୍ରଣୟନ କରିବେ ବା ଆବଶ୍ୟକୀୟ ପଦକ୍ଷେପ ନେବେ ।

୬. ଦୟାକରି ପ୍ରାପ୍ତି ସ୍ୱୀକାର କରନ୍ତୁ ।

ଆପଣଙ୍କର ବିଶ୍ୱସ୍ତ
**(ଜି.ଶ୍ରୀନିବାସନ୍)**
ମୁଖ୍ୟ ମହାପ୍ରବନ୍ଧକ